

# ଶୂନ ଯୋଡ଼ିବା ଓ ଫେଡ଼ିବା







ସୋମୁ ଓ ଛିନା ମାଟିଚକଟି ମାଟି ଗୋଲି ତିଆରି କଲେ । ପ୍ରତ୍ୟେକ ମାଟି ଗୋଲିର ମଝିରେ କାଠିରେ କଣା ଗୋଟିଏ କରିଦେଲେ । ମାଟି ଗୋଲିଗୁଡ଼ିକୁ ଖରାରେ ଶୁଖାଇ ଦେଲେ । ସେଗୁଡ଼ିକରେ ବିଭିନ୍ନ ରଙ୍ଗ ଦେବାରୁ ସୁନ୍ଦର ଦେଖାଗଲା ।

ସୋମୁ ତିଆରି କରିଥିବା ମାଟି ଗୋଲିଗୁଡ଼ିକୁ ନେଇ ଗୋଟିଏ ମାଳ  ତିଆରି କଲା । ଛିନା କହିଲା - ମାଟି ଗୋଲିଗୁଡ଼ିକୁ ନେଇ ଆମେ ଗୋଟିଏ ଖେଳ ଖେଳିବା । ସେ ଖଣ୍ଡିଏ ସୋଲ ଓ ନଡ଼ିଆଖଡ଼ିକା ଆଣି ଗୋଟିଏ ଆବାକସ୍ ତିଆରି କଲା ।





ସୋମୁ ଓ ଛିନା ଆବାକସ୍ ଓ ମାଟିଗୋଲିକୁ ନେଇ ସଂଖ୍ୟା ଖେଳ ଆରମ୍ଭ କରିଦେଲେ । ଛିନା ଗୋଟିଏ ଗୋଟିଏ ସଂଖ୍ୟା ଲେଖି ଦେଖାଇଲା । ସୋମୁ ତାକୁ ଆବାକସ୍‌ରେ ଦେଖାଇଲା ।







- କେଉଁ ସଂଖ୍ୟାକାର୍ଡ଼ ସହିତ କେଉଁ ଆବାକସ୍ ମିଳିବ ଯୋଡ଼ ।





- ସୋମୁ ଓ ଜିନା ଆଉ ଗୋଟିଏ ନୂଆ ଖେଳ ଖେଳିଲେ ।
ସେମାନେ ତିଆରି କରିଥିବା ମାଟିଗୋଲିଗୁଡ଼ିକୁ ଦୁଇ ପ୍ରକାର ରଙ୍ଗ ଦେଲେ ।
ସୋମୁ କହିଲା – " ଏବେ ମୋର ପାଳି ! "
ମୁଁ ସଂଖ୍ୟାକାର୍ଡ଼ ଦେଖାଇବି । ଜିନା ରାଜି ହେଲା ।







୬+୩=୯







୧୨+୨୪=୩୬






୩୫+୦= ୩୫




ମିଶାଣ କିପରି କରାଯିବ ଉଭୟ ଚିନ୍ତାରେ ପଡ଼ିଲେ । ଟୁଟ୍‌କି ସେହି ବାଟ ଦେଇ ଯାଉଥିଲା । ସେ ଜିନାକୁ କହିଲା- ଶୂନ (୦) ର ଅର୍ଥ କିଛି ନାହିଁ । ୩୫ରେ ୦କୁ ମିଶାଇବା ଅର୍ଥ, ୩୫ରେ କିଛି ଯୋଗ କରାଯିବ ନାହିଁ ।

ଖାଲିଘରେ ଉତ୍ତର ଲେଖ ।

୩୫+୦ = ___

- ତଳେ ଦିଆଯାଇଥିବା ସଂଖ୍ୟାଦୁଇଟିକୁ କିପରି ଯୋଗ କରାଯିବ, ଆବାକସ୍‌ରେ ଦେଖାଅ । ଆବାକସ୍ ତଳେ ଥିବା ଖାଲିଘରେ ଯୋଗଫଳ କେତେ ହେଲା ଲେଖ ।

୨୪+୦    ୩୨+୦    ୧୧+୦    ୩୦+୦



ଆମେ କ'ଣ ଜାଣିଲେ ?

**କୌଣସି ସଂଖ୍ୟାରେ '୦' ମିଶାଇଲେ, ଯୋଗଫଳ ସେହି ସଂଖ୍ୟା ହୋଇଥାଏ ।**

## କ୍ରିକେଟ୍ ଖେଳର ମଜା-

ବଡ଼ଦିନ ପାଇଁ ବିଦ୍ୟାଳୟ ଛୁଟି । ପିଲାମାନେ ବାହାରିଲେ କ୍ରିକେଟ ଖେଳିବାକୁ । ଲାଗିଲାଗି ଦୁଇ ଦିନ ମ୍ୟାଚ । ଟୁଟ୍‌କି, ବିଲ୍ଲୁ, ଜର୍ଜ, ମିକି, ସିନି, ଲକି ଓ ବବ୍‌ଲୁ ପ୍ରଭୃତିଙ୍କ ହାତରେ ବ୍ୟାଟ୍ ଆଉ ବଲ୍ । ଦୁଇଦିନ ମ୍ୟାଚ ହେଲା । କିଏ କେତେ ରନ୍ ସଂଗ୍ରହ କଲେ ତାହା ହିସାବ କର ?

୨୫+୧୩= ___    ୧୪+୭= ___

୩୨+୦= ___    ୦+୩୭= ___

୨୦+୦= ___    ୩୬+୧୦= ___

୨୦+୩୦= ___

ତୁମେ ହିସାବ କରି କହ, ଦୁଇ ଦିନରେ କିଏ ମୋଟ କେତେ ରନ ସଂଗ୍ରହ କରିଛି ?

- କିଏ ସବୁଠାରୁ ଅଧିକ ରନ କରିଛି ? ....................................
- କିଏ ସବୁଠାରୁ କମ୍ ରନ କରିଛି ? ....................................

## ଲୁଡୁ ଖେଳ–

ଚିନା ଓ ସୋମୁ ଲୁଡୁ ଖେଳ ଆରମ୍ଭ କଲେ । ନିଜେ ଗୋଟିଏ ଡାଇସ୍ ନେଇ ତାହାର ଛଅ ପାଖରେ ୧, ୨, ୩, ୪, ୫, ୦ ଲେଖିଲେ ।








| | | | | | | | | | |
|---|---|---|---|---|---|---|---|---|---|
| ୧୦୦ | ୯୯ | ୯୮ | ୯୭ | ୯୬ | ୯୫ | ୯୪ | ୯୩ | ୯୨ | ୯୧ |
| ୮୧ | ୮୨ | ୮୩ | ୮୪ | ୮୫ | ୮୬ | ୮୭ | ୮୮ | ୮୯ | ୯୦ |
| ୮୦ | ୭୯ | ୭୮ | ୭୭ | ୭୬ | ୭୫ | ୭୪ | ୭୩ | ୭୨ | ୭୧ |
| ୬୧ | ୬୨ | ୬୩ | ୬୪ | ୬୫ | ୬୬ | ୬୭ | ୬୮ | ୬୯ | ୭୦ |
| ୬୦ | ୫୯ | ୫୮ | ୫୭ | ୫୬ | ୫୫ | ୫୪ | ୫୩ | ୫୨ | ୫୧ |
| ୪୧ | ୪୨ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ |
| ୪୦ | ୩୯ | ୩୮ | ୩୭ | ୩୬ | ୩୫ | ୩୪ | ୩୩ | ୩୨ | ୩୧ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୨୦ | ୧୯ | ୧୮ | ୧୭ | ୧୬ | ୧୫ | ୧୪ | ୧୩ | ୧୨ | ୧୧ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |








- ଦୁଇ ଜଣଙ୍କର ଦାନା ୧୦୦ ଉପରେ ରହିଲା ।
- ଡାଇସ୍‌ରେ ଯେଉଁ ସଂଖ୍ୟା ପଡ଼ିବ ଦାନା ସେତିକି ପଛକୁ ଯିବ ।
- ଯିଏ ପ୍ରଥମେ ଯାଇ ୧ରେ ପହଞ୍ଚିବ ସେ ବିଜୟୀ ହେବ ।




ତୁମେ ଏହି ଖେଳକୁ ତୁମ ସାଙ୍ଗ ସହିତ ଖେଳ ।

ପ୍ରତ୍ୟେକ ଥର ଡାଇସ୍‌ର କେଉଁ ସଂଖ୍ୟା ପଡ଼ିଲା ଓ ତୁମେ କେଉଁ ସଂଖ୍ୟାରେ ପହଞ୍ଚିଲ ତଳେ ଲେଖ ।

ଡାଇସ୍‌ରେ ଶୂନ ସଂଖ୍ୟା ପଡ଼ିଲେ ଦାନାଟି କାହିଁକି ପଛକୁ ଆସୁନାହିଁ କହ ।

- ତଳେ ଦିଆଯାଇଥିବା ଉଦାହରଣଗୁଡ଼ିକୁ ଦେଖ । କାହା ପାଇଁ ଯୋଗ ଓ କାହା ପାଇଁ ବିୟୋଗ ପ୍ରକ୍ରିୟା ବ୍ୟବହାର କରାଯିବ କହ ।



ଲକ୍ଷ୍ୟ କର, ପ୍ରଥମ ପ୍ଲେଟ୍‌ରେ ୪ଟି ଲଡୁ ଅଛି, ଦ୍ୱିତୀୟ ପ୍ଲେଟ୍‌ରେ ୩ଟି ଲଡୁ ଅଛି । ଦୁଇଟିଯାକ ପ୍ଲେଟ୍‌ରେ ମୋଟ୍ କେତୋଟି ଲଡୁ ଅଛି ?

ଦୁଇଟି ପ୍ଲେଟ୍‌ରେ ମୋଟ୍ ୪ + ୩ = ୭ଟି ଲଡୁ ଅଛି ।

୧ମ ପ୍ଲେଟ୍‌ରେ ୨ୟ ପ୍ଲେଟ୍ ଠାରୁ କେତୋଟି ଅଧିକ ଲଡୁ ଅଛି ?

୪ - ୩ = [ ] ଟି ଲଡୁ ।

- ତଳେ ଦିଆଯାଇଥିବା ମିଶାଣ ଓ ଫେଡ଼ାଣ କ୍ରିୟାକୁ ନେଇ ଗୋଟିଏ ଗୋଟିଏ ବାସ୍ତବ ଘଟଣାର ଉଦାହରଣ ଦିଅ ।

| ୪ + ୨ = ୬ | ୫ - ୩ = ୨ | ୫ - ୫ = ୦ |

• ତଳେ ଦିଆଯାଇଥିବା ଚିତ୍ରକୁ ଦେଖ। ଏହି ଚିତ୍ରକୁ ଲକ୍ଷ୍ୟକରି ମିଶାଣ ବା ଫେଡ଼ାଣ କଥା ଥାଇ ଦିଆଯାଇଥିବା ଗପଟିକୁ ପଢ଼।



ଟୋପିବିକାଳୀ ଥକି ଗଛମୂଳରେ ବସିପଡ଼ିଲା। ତାକୁ ନିଦ ଲାଗିଗଲା। ଗଛ ଉପରେ ଥିବା ମାଙ୍କଡ଼ମାନେ ଟୋପି ବିକାଳୀର ବ୍ୟାଗ୍ ଖୋଲି ଟୋପି କାଢ଼ି ନେଲେ। ମାଙ୍କଡ଼ମାନଙ୍କ ପାଖରେ ୧୪ଟି ଟୋପି ଅଛି। ଗଛ ମୂଳେ ୬ଟି ଟୋପି ପଡ଼ିଛି। ଟୋପି ବିକାଳୀର ନିଦ ଭାଙ୍ଗିଗଲା। ଦେଖିଲା, ମାଙ୍କଡ଼ମାନେ କେତେଗୁଡ଼ିକ ଟୋପି ନେଇ ଯାଇଛନ୍ତି। ତା' ପରେ .........

ତୁମେ ଏହି ଗପଟିକୁ ଆଗକୁ ବଢ଼ାଅ।

ଏହି ଗପକୁ ନେଇ ଆମେ ମିଶାଣ ଓ ଫେଡାଣ ସମ୍ବନ୍ଧୀୟ ନିମ୍ନଲିଖିତ କଥାଗୁଡ଼ିକ କହିପାରିବା।

- ବ୍ୟାଗ୍‌ରେ ମୋଟ ୨୦ଟି ଟୋପି ଥିଲା। ମାଙ୍କଡ଼ମାନେ ୧୪ଟି ଟୋପି ନେଇଗଲେ। ଅନ୍ୟ ଟୋପିଗୁଡ଼ିକୁ ମାଙ୍କଡ଼ମାନେ ବାହାରକୁ ଫୋପାଡ଼ି ଦେଲେ। କେତୋଟି ଟୋପିକୁ ମାଙ୍କଡ଼ମାନେ ଫୋପାଡ଼ି ଦେଲେ ?
- ମାଙ୍କଡ଼ମାନେ ନେଇଥିବା ଟୋପିର ସଂଖ୍ୟା ଫୋପାଡ଼ିଥିବା ଟୋପିର ସଂଖ୍ୟାଠାରୁ କେତେ ଅଧିକ ?
- ମାଙ୍କଡ଼ମାନଙ୍କ ପାଖରେ ୧୪ଟି ଟୋପି ଅଛି। ତଳେ ୬ଟି ଟୋପି ପଡ଼ିଛି। ମୋଟ କେତୋଟି ଟୋପି ଥିଲା ?

ଚିତ୍ରକୁ ଦେଖି ଉପରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

- ଏବେ ତଳେ ଦିଆଯାଇଥିବା ଚିତ୍ରକୁ ଦେଖ । ଚିତ୍ରକୁ ଲକ୍ଷ୍ୟକରି ଗପଟିଏ ଭାବ । ତୁମେ ଭାବିଥିବା ଗପଟିକୁ ଶ୍ରେଣୀରେ କହ ।




ଏହି ଚିତ୍ରକୁ ନେଇ ମିଶାଣ ଓ ଫେଡ଼ାଣ ସମ୍ବନ୍ଧୀୟ କେତେଗୁଡ଼ିଏ ପ୍ରଶ୍ନ ତିଆରି କରି ତୁମ ସାଙ୍ଗକୁ ପଚାର ।

..........................................................................................

..........................................................................................

..........................................................................................


- ମଣ୍ଟୁ ଓ ଝିଣ୍ଟୁ ବଜାରକୁ ଗଲେ । ଦୁହେଁ ମା'ଙ୍କ ପାଖରୁ ଟଙ୍କା ମାଗିନେଲେ ।

ମଣ୍ଟୁକୁ ମା'  ଦେଲେ । ଝିଣ୍ଟୁକୁ ମା'  ଦେଲେ ।

ଉପର ଚିତ୍ର ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

- ମଣ୍ଟୁ ପାଖରେ କେତେ ଟଙ୍କା ଅଛି ? ..............................................
- ଝିଣ୍ଟୁ ପାଖରେ କେତେ ଟଙ୍କା ଅଛି ? ..............................................

ଲକ୍ଷ୍ୟ କର, ମଣ୍ଟୁ ପାଖରେ ତିନୋଟି ଦଶଟଙ୍କିଆ ନୋଟ୍ ଅଛି ।




୧୦ ଟଙ୍କା + ୧୦ ଟଙ୍କା + ୧୦ ଟଙ୍କା = ୩୦ ଟଙ୍କା

- ଝିଣ୍ଟୁ ପାଖରେ କେତେ ଟଙ୍କା ଅଛି ହିସାବ କରି ଲେଖ । ______________
- କାହା ପାଖରେ ଅଧିକ ଟଙ୍କା ଅଛି ? ______________
- ମଣ୍ଟୁ ପାଖରେ ଝିଣ୍ଟୁ ଠାରୁ କେତେ ଟଙ୍କା ଅଧିକ ଅଛି ? ______________
- ଦୁଇଜଣଙ୍କ ପାଖରେ ମୋଟ କେତେ ଟଙ୍କା ଅଛି ? ______________




## ଅଭ୍ୟାସ କାର୍ଯ୍ୟ


୧. ତଳେ ଲେଖାଥିବା ସଂଖ୍ୟାକୁ ଆବାକସ୍‌ରେ ଗୋଲ କରି ଦେଖାଅ ।



୨୫ ୩୦ ୭ ୪୪

୨.   ଖାଲି ଘରେ ଉତ୍ତର ଲେଖ ।

(କ)  +  = ☐ ଟଙ୍କା


(ଖ)  +  = ☐ ଟଙ୍କା

(ଗ)  +  = ☐ ଟଙ୍କା

୩.   କେଉଁ ପ୍ରଶ୍ନଟି ପାଇଁ କେଉଁ ଉତ୍ତର ହେବ ତୀର ଚିହ୍ନ ଦେଇ ଚିହ୍ନାଅ ।

| | |
|---|---|
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ତା' ଠାରୁ ୩ଟି ଅଧିକ ଚକୋଲେଟ୍ ଅଛି । ରୀତା ପାଖରେ କେତୋଟି ଚକୋଲେଟ୍ ଅଛି ? | ୫ - ୩ = ୨ |
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ୩ଟି ଚକୋଲେଟ୍ ଅଛି । ମହେଶ ପାଖରେ ରୀତା ଠାରୁ କେତୋଟି ଅଧିକ ଚକୋଲେଟ ଅଛି ? | ୮ - ୩ = ୫ |
| ରୀତା ପାଖରେ ୮ଟି ଚକୋଲେଟ୍ ଅଛି । ମହେଶ ପାଖରେ ୩ଟି ଚକୋଲେଟ୍ ଅଛି । ମହେଶ ପାଖରେ ରୀତାଠାରୁ କେତୋଟି ଚକୋଲେଟ୍ କମ୍ ଅଛି ? | ୮ - ୫ = ୩ |
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ୮ଟି ଚକୋଲେଟ୍ ଅଛି ।ମହେଶ ଆଉ କେତୋଟି ଚକୋଲେଟ୍ ପାଇଲେ ରୀତା ସହ ସମାନ ହେବ ? | ୫ + ୩ = ୮ |

୪. ତଳେ ଜିନିଷଗୁଡ଼ିକର ଦାମ୍ ଦିଆଯାଇଛି । ଏହାକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।



୨୫ଟଙ୍କା



୩୦ଟଙ୍କା



୧୦ଟଙ୍କା



୪୦ଟଙ୍କା

(କ) କଲମ ଓ ରଙ୍ଗ ବାକ୍ସ କିଣିଲେ କେତେ ଟଙ୍କା ଦେବାକୁ ପଡ଼ିବ ? ________

(ଖ) ଚପଲ ଓ ଗପବହି କିଣିବା ପାଇଁ କେତେ ଟଙ୍କା ଦରକାର ? ________

(ଗ) ତୁମ ପାଖରେ ୪୦ଟଙ୍କା ଅଛି । ତୁମେ କେଉଁ ଦୁଇଟି ଜିନିଷ କିଣି ପାରିବ ? ________

(ଘ) ତୁମେ ରଙ୍ଗ ବାକ୍ସ କିଣି ଦୋକାନୀକୁ ୫୦ ଟଙ୍କା ଦେଲ ।
ସେ ତମକୁ କେତେ ଟଙ୍କା ଫେରାଇବ ? ________

